# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 October – 2026

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ପର୍ଯ୍ୟଟନ ରାଜ୍ୟର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ଲୋକକଳାରେ ପର୍ଯ୍ୟବେସିତ କହିଲେ ମୁଖ୍ୟମନ୍ତ୍ରୀ

  – ଭୁବନେଶ୍ୱରରେ ଓଡ଼ିଶା ଟ୍ରାଭେଲ ବଜାରକୁ କଲେ ଉଦ୍‌ଘାଟନ

- ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'କୁ ଆଜି ୧୨ ବର୍ଷ ପୂର୍ତ୍ତି
- ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହେବ ଶାସ୍ତ୍ରୀୟ ପାଲି ଭାଷା ଉତ୍କର୍ଷ କେନ୍ଦ୍ର
- ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଷୋଡ଼ଶୋପଚାର ପୂଜା ହେଲା ଆରମ୍ଭ

ଏବଂ

- ଏସୀୟ କ୍ରୀଡ଼ାର ପୁରୁଷ କ୍ରିକେଟ୍‌ରେ ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କଲା ଭାରତ

## ମୁଖ୍ୟମନ୍ତ୍ରୀ–ଓଟିବି

ଓଡ଼ିଶାର ପର୍ଯ୍ୟଟନ ରାଜ୍ୟର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ଲୋକକଳାରେ ପର୍ଯ୍ୟବେସିତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଓଡ଼ିଶା ଟ୍ରାଭେଲ ବଜାର– ଓଟିବି-୨୦୨୬ ସପ୍ତମ ସଂସ୍କରଣକୁ ମୁଖ୍ୟମନ୍ତ୍ରୀ ଆଜି ଉଦ୍‌ଘାଟନ କରି କହିଛନ୍ତି, ରାଜ୍ୟର ପର୍ଯ୍ୟଟନଶିଳ୍ପକୁ ବିଶ୍ୱଆଦୃତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଭୁବନେଶ୍ୱର ଏବଂ ଝାରସୁଗୁଡ଼ାକୁ ଦେଶର ପ୍ରମୁଖ ମହାନଗର ସହିତ ବିମାନସେବା ଯୋଗାଇ ଦିଆଯାଉଛି। ସ୍ଥାନୀୟ କାରିଗର, ଗାଇଡ୍ ଓ ଟୁର୍ ଅପରେଟର୍‌ମାନଙ୍କୁ ଅତ୍ୟାଧୁନିକ ଡିଜିଟାଲ ଜ୍ଞାନକୌଶଳ ପ୍ରଦାନ କରାଯାଉଛି, ଯାହାଦ୍ୱାରା ପର୍ଯ୍ୟଟକମାନଙ୍କ ଯାତ୍ରା ଆହୁରି ଅବିସ୍ମରଣୀୟ ହୋଇପାରିବ। ରାଜ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କୁ ସମ୍ମାନ ଓ ଓଡ଼ିଆ ଆତିଥ୍ୟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

**- V/O -**

କାର୍ଯ୍ୟକ୍ରମରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ କପିଳ ଦେବ ଯୋଗଦେଇ କହିଛନ୍ତି ଓଡ଼ିଶା ଆଗାମୀ ଦିନରେ ଦେଶର କ୍ରୀଡ଼ା ରାଜଧାନୀ ହେବ । ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ପ୍ରଦର୍ଶନୀକୁ ବୁଲି ଦେଖିବା ସହ ସ୍ଥାନୀୟ ଉଦ୍ୟୋଗୀ, କାରିଗର ଏବଂ ଟ୍ରାଭେଲ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି ।

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫିକିର ମିଳିତ ସହଯୋଗରେ ଏହି ତିନିଦିନିଆ ବ୍ୟବସାୟିକ ପର୍ଯ୍ୟଟନ ସମ୍ମିଳନୀ ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବ । ଏଥିରେ ୯୨ରୁ ଅଧିକ ଘରୋଇ ସଂସ୍ଥା ୨୭ଟି ଦେଶର ବିଦେଶୀ ଟୁର୍ ଅପରେଟର ଏବଂ ୩୨ଟି କ୍ରେତା ଅଂଶଗ୍ରହଣ କରିଛନ୍ତି ।

# ମନ୍ କି ବାତ୍-୧୨ ଇୟର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'କୁ ଆଜି ୧୨ ବର୍ଷ ପୂରଣ ହୋଇଛି । ୨୦୧୪ ମସିହାରେ ବିଜୟାଦଶମୀ ଅବସରରେ ଆଜିର ଦିବସରେ ଏହି କାର୍ଯ୍ୟକ୍ରମ ପ୍ରଥମ ସଂସ୍କରଣ ପ୍ରସାରିତ ହୋଇଥିଲା । ମନ୍ କି ବାତ୍‌ର ଇତିମଧ୍ୟରେ ୧୩୮ଟି ସଂସ୍କରଣ ପ୍ରସାରିତ ହୋଇସାରିଛି । ଗତ ୧୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ଦେଶବାସୀଙ୍କ ମଧ୍ୟରେ ସକରାତ୍ମକ ପରିବର୍ତ୍ତନକୁ ପ୍ରେରଣା

ପ୍ରଦାନ କରିବା ସହିତ ଭାରତର ବିକାଶ ଯାତ୍ରାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଆସିଛି । ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିବେଶ ସଂରକ୍ଷଣ, ନବସୃଜନ ଏବଂ ସାମାଜିକ ସେବା ଆଦି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କ ପ୍ରଚେଷ୍ଟାକୁ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କ ପାଖରେ ଉପସ୍ଥାପନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ ଏବଂ ଆକାଶବାଣୀ ନ୍ୟୁଜ୍, ୱେବ୍‌ସାଇଟ୍, ନ୍ୟୁଜ୍ ଅନ୍ ଏଆଇଆର୍, ମୋବାଇଲ ଆପ୍‌ରେ ମଧ୍ୟ ସିଧାସଳଖ ପ୍ରସାରିତ ହୋଇଥାଏ । ଏଥିସହ ଆକାଶବାଣୀ ନ୍ୟୁଜ୍, ଡିଡି ନ୍ୟୁଜ୍, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚ୍ୟାନ୍‌ଲରେ ସିଧା ପ୍ରସାରଣ କରାଯାଇଥାଏ ।

## ରାଜ୍ୟପାଳ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ନେଇ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶ୍ୱବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା, ପ୍ରଶାସନିକ କାର୍ଯ୍ୟ, ଭିତ୍ତିଭୂମି, ଖାଲିପଡ଼ିଥିବା ଶିକ୍ଷକ ପଦବୀ ଓ ଅଣଶିକ୍ଷକ ପ୍ରସଙ୍ଗକୁ ନେଇ ଆଲୋଚନା କରାଯାଇଛି। ଏଥିରେ ଉଚ୍ଚଶିକ୍ଷା

ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ରାଜ୍ୟପାଳ ଓ କୁଳପତିମାନଙ୍କ ସହ ବିଭିନ୍ନ ଦିଗ ଉପରେ ବିଚାର ବିମର୍ଷ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ

ଭୁବନେଶ୍ୱର ଲୋକସେବା ଭବନଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାର ବିଧାୟକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଜନଜାତି ସମୁଦାୟର ସମୃଦ୍ଧ ସାଂସ୍କୃତିକ ଓ ଭାଷାଗତ ଐତିହ୍ୟର ସୁରକ୍ଷା ତଥା ସ୍ୱୀକୃତି ନିମନ୍ତେ ହୋ' ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ପତିତପାବନ ଭକ୍ତନିବାସ

ପୁରୀ ଶ୍ରୀମନ୍ଦିରକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂତନ ପତିତପାବନ ଭକ୍ତନିବାସ ନିର୍ମାଣ କରାଯିବ। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପଛଭାଗ ଜମିର ଉନ୍ନତିକରଣ ଏବଂ ଉକ୍ତ ଜମିରେ ପୂର୍ବରୁ ପ୍ରସ୍ତାବିତ ନୂତନ ଭକ୍ତନିବାସ ନିର୍ମାଣକୁ ଅଭଡ଼ା ଯୋଜନାରୁ ପାଣ୍ଠି ଯୋଗାଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ

ପକ୍ଷରୁ ରାଜ୍ୟ ସରକାରଙ୍କୁ ଲିଖିତ ପତ୍ର ପ୍ରେରଣ କରାଯାଇଛି। ଗତବର୍ଷ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ଭକ୍ତନିବାସ ନିର୍ମାଣ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ – ଓବିସିସି ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ କରିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଡିପିଆର୍ ପ୍ରସ୍ତୁତି ଓ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ପୂର୍ବରୁ ତୀର୍ଥଯାତ୍ରୀଙ୍କ ପାଇଁ ନୀଳାଦ୍ରି, ନୀଳାଚଳ, ଶ୍ରୀଗୁଣ୍ଡିଚା ଏବଂ ପୁରୁଷୋତ୍ତମ ଭକ୍ତନିବାସ ନିର୍ମାଣ କରାଯାଇଛି।

## ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଦେଶର ୫ଟି ଶାସ୍ତ୍ରୀୟ ଭାଷା ପାଇଁ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଅନୁମୋଦନ ମିଳିଛି। ସେଥିମଧ୍ୟରୁ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଠାରେ ଶାସ୍ତ୍ରୀୟ ପାଲି ଭାଷା ଉତ୍କର୍ଷ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା ହେବ। ଭାରତର ପ୍ରାଚୀନ ସଭ୍ୟତା, ବୌଦ୍ଧିକ ଚିନ୍ତନ ଓ ଆଧ୍ୟାତ୍ମିକ ପରମ୍ପରା ସହ ଜଡ଼ିତ ପାଲିଭାଷାର ସଂରକ୍ଷଣ ଓ ପ୍ରଚାର ପ୍ରସାରରେ ଏହି କେନ୍ଦ୍ର ଯୁଗାନ୍ତକାରୀ ଭୂମିକା ଗ୍ରହଣ କରିବ। ମନ୍ତ୍ରଣାଳୟ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପାଲିର ଅଧ୍ୟୟନ, ସଂରକ୍ଷଣ ଓ ପ୍ରଚାରକୁ ଏହା ସୁଦୃଢ଼ କରିବ। ସଭ୍ୟତାଗତ ଜ୍ଞାନ, ଭାଷାଗତ ଐତିହ୍ୟ ସଂରକ୍ଷଣରେ ଏହା ଓଡ଼ିଶାର ଅବଦାନକୁ ବିଶ୍ୱଦରବାରରେ ନୂତନ ପରିଚୟ ପ୍ରଦାନ କରିବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଓ ଏହି ପଦକ୍ଷେପ ସହ ଜଡ଼ିତ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

## ବନ୍ୟପ୍ରାଣୀ ସପ୍ତାହ

ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା, ଜୈବବିବିଧତାର ସଂରକ୍ଷଣ ଓ ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି। ଭୁବନେଶ୍ୱର ଲୋକସେବା ଭବନର ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ପକ୍ଷରୁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମଣିଷ ଓ ବନ୍ୟପ୍ରାଣୀ ମଧ୍ୟରେ ସନ୍ତୁଳିତ ସହାବସ୍ଥାନ ସୃଷ୍ଟି କରିବା ସହ ପ୍ରକୃତି ଓ ପରିବେଶର ସୁରକ୍ଷା ଦିଗରେ ଏହି ସପ୍ତାହ ପାଳନ ଗୁରୁତ୍ୱ ବହନ

କରେ। ବନ୍ୟପ୍ରାଣୀ ଓ ପ୍ରକୃତିର ସୁରକ୍ଷା ପାଇଁ ସମସ୍ତଙ୍କ ସଚେତନତା ଓ ଦାୟିତ୍ୱବୋଧର ଆବଶ୍ୟକତା ରହିଛି।

ନୂଆପଡ଼ା ଜିଲ୍ଲା ସଦ୍‌ଭାବନା ସଭାଗୃହରେ ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧକ୍ଷତାରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରାକୃତିକ ସମ୍ପଦର ସୁରକ୍ଷା ବିନା ନୂଆପଡ଼ାର ସାମଗ୍ରିକ ବିକାଶ ହୋଇପାରିବ ନାହିଁ। ସୁନାବେଡ଼ା ଅଭୟାରଣ୍ୟ ଜିଲ୍ଲାର ଏକ ମୂଲ୍ୟବାନ ପ୍ରାକୃତିକ ସମ୍ପଦ। ଏହାର ଜୀବଜନ୍ତୁ, ଜଙ୍ଗଲ ତଥା ପାହାଡ଼ର ସୁରକ୍ଷା ହେଉଛି ଆମ ସମସ୍ତଙ୍କ ସାମୟିକ ଦାୟିତ୍ୱ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଷୋଳପୂଜା

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଆଜିଠାରୁ ଜଗତ୍‌ଜନନୀ ମା’ ଦୁର୍ଗାଙ୍କ ଷୋଳପୂଜା ଆରମ୍ଭ ହୋଇଛି। ପୁରୀ ଶ୍ରୀକ୍ଷେତ୍ରରେ ଏହି ଅବସରରେ ଶ୍ରୀନଅରରେ ଗଜପତିଙ୍କ ରାଜଗୁରୁ ବ୍ରାହ୍ମଣମାନଙ୍କୁ ବରଣ କରିବାର ପରମ୍ପରା ରହିଛି। ଶ୍ରୀମନ୍ଦିରରେ ମାଆ ବିମଳାଙ୍କ ପୀଠ ସହିତ ମାଆ ଭୁବନେଶ୍ୱରୀ, ବାଟମଙ୍ଗଳା, ଉତ୍ତରାୟଣୀ, ଦକ୍ଷିଣକାଳୀ, ଆଲମଚଣ୍ଡୀଙ୍କ ପୀଠରେ ଷୋଳପୂଜା ନୀତି ଆରମ୍ଭ ହେବ। ଶ୍ରୀମନ୍ଦିରରେ ସକାଳ ଧୂପ ପରେ ମାଆ ଦୁର୍ଗାଙ୍କ ସ୍ୱର୍ଣ୍ଣପ୍ରତିମା ରତ୍ନସିଂହାସନରେ ବିଜେ କରାଯିବ। ମାଆ ସୁଭଦ୍ରାଙ୍କ ଆଜ୍ଞାମାଳ ଦୁର୍ଗାଙ୍କୁ ଲାଗି କରାଯିବା ପରେ

ଦେବୀଙ୍କ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଆଜି ମୂଳାଷ୍ଟମୀ ସହ ଦୁର୍ଗାମାଧବ ଉପାସନା ନୀତି ମଧ୍ୟ ପାଳନ କରାଯାଉଛି।

ଭଦ୍ରକ ଜିଲ୍ଲାର ଆରଡ଼ି ପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଥିବା ପୀଠଦେବୀ ମା' ଜୟଦୁର୍ଗାଙ୍କ ମଣ୍ଡପରେ ଆଜିଠାରୁ ଷୋଡ଼ଶୋପଚାର ପୂଜା ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ମା' ଜୟଦୁର୍ଗାଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁମାନେ ଏହାକୁ ଦର୍ଶନ କରିବା ସହ ସେବାୟତମାନଙ୍କ ପକ୍ଷରୁ ଘଟ ଉତ୍ତୋଳନ, ହଳଦୀ ପଞ୍ଚାମୃତ ସ୍ନାନ, ଚଣ୍ଡୀପାଠ ଆଦି ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହେଉଛି।

ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ଭଣ୍ଡାରଘରଣୀଙ୍କ ମନ୍ଦିରରେ ମଧ୍ୟ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଦଶହରାରେ ଦେବଦେବୀଙ୍କୁ ନିମନ୍ତ୍ରଣ ଲାଗି ମାଆଙ୍କ ଆଜ୍ଞାମାଳ ଗ୍ରହଣ କରାଯିବ।

# ଏସିଆନ୍ ଗେମ୍‌ସ

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଉତ୍କର୍ଷ ପ୍ରତିପାଦନ କରୁଛନ୍ତି ।

ପୁରୁଷ ଟି-୨୦ କ୍ରିକେଟ୍ ବର୍ଗରେ ଭାରତ ଆଜି ସ୍ୱର୍ଣ୍ଣପଦକ ହାସଲ କରିଛି। ଫାଇନାଲ ମ୍ୟାଚ୍‌ରେ ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରି ଭାରତୀୟ ଦଳ ଏହି ସଫଳତା ପାଇଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତୀୟ ଦଳ ୬ ୱିକେଟ୍ ବିନିମୟରେ

୨୧୧ ରନ୍ ସଂଗ୍ରହ କରିଥିଲା । ୨୧୨ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୬ ୱିକେଟ୍ ବିନିମୟରେ ୧୯୨ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

ଗଲ୍‌ଫ ଖେଳରେ ପ୍ରଣବୀ ଉର୍ସ୍ତ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହି ବର୍ଗରେ ଭାରତୀୟ ଦଳ ରୌପ୍ୟ ପଦକ ହାସଲ କରିଛି । ତୀରଚାଳନା ପ୍ରତିଯୋଗିତାରେ ପୁରୁଷ ରିକର୍ଭ ଇଭେଣ୍ଟରେ ନୀରଜ ଚୌହ୍ୱାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।